ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 982/05-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୦୫ ଜାନୁଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ୍ ମାଧ୍ୟମରେ 'ଫାୟାର ପାର୍କ' ଉଦ୍‌ଘାଟନ କରିବା ସହିତ ଓଡ଼ିଶା ଅଗ୍ନିଶମ ସେବାର ଏକ ପ୍ରଭାବୀ ଅନ୍‌ଲାଇନ୍ ପୋଟାଲ୍ 'ଅଗ୍ନିଶମ ସେବା'ର ଶୁଭାରମ୍ଭ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଅନ୍‌ଲାଇନ୍ ସେବା ଜନସାଧାରଣ, ବିଶେଷ କରି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ମୌଳିକ ଅଗ୍ନି ନିରାପତ୍ତା ପଦକ୍ଷେପଗୁଡ଼ିକ ଉପରେ ସଚେତନ ଓ ଶିକ୍ଷିତ କରାଇବ । ନାଗରିକମାନଙ୍କୁ ସୁରକ୍ଷା ସଂପର୍କିତ କାର୍ଯ୍ୟ କରିବାରେ ଯଥାର୍ଥ ଦିଗ୍‌ଦର୍ଶନ ଦେବା ପାଇଁ ଏହା ନିଃସନ୍ଦେହରେ ଏକ ଉପଯୁକ୍ତ ଉଦ୍ୟମ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ନିଶମ ସେବା ପୋର୍ଟାଲ୍ ମାଧ୍ୟମରେ ୧୬ଟି ସେବା ନାଗରିକମାନଙ୍କୁ ଉପଲବ୍ଧ ହେବ ବୋଲି ଦର୍ଶାଇଛନ୍ତି । ସେ 'ମୋ ସରକାର' ଅଧୀନରେ ଜନସାଧାରଣଙ୍କୁ ଅବାଧ ଓ ସମୟୋପଯୋଗୀ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ ମତାମତ ସଂଗ୍ରହକୁ ଗୁରୁତ୍ୱ ଦେବା ସକାଶେ ଅଗ୍ନିଶମ ବିଭାଗକୁ ପରାମର୍ଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ମହାମାରୀରେ ଓଡ଼ିଶା ଅଗ୍ନିଶମ ସେବାର ଭୂମିକାକୁ ଉଚ୍ଚ ପ୍ରଶଂସା କରିବା ସହିତ ଜଟିଳ କୋଭିଡ୍ ରୋଗୀଙ୍କ ଚିକିତ୍ସା ନିମନ୍ତେ ବ୍ୟାପକ ଭାବରେ ପ୍ଲାଜ୍‌ମା ଦାନ କରିଥିବାରୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ସେ ପୁଣି କହିଛନ୍ତି ଯେ ନିରନ୍ତର ଏହି ସେବା କାର୍ଯ୍ୟ କରିବା ସହିତ ଅଗ୍ନିଶମ ସେବା ବିଭାଗ ଗତବର୍ଷ ଅଗଷ୍ଟ ମାସରେ ସଂଘଟିତ 'ଅମ୍ଫାନ୍' ବାତ୍ୟା ଓ ଭୟଙ୍କର ବନ୍ୟା ସମୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟରେ ମଧ୍ୟ ଯଥେଷ୍ଟ କାର୍ଯ୍ୟ କରିଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ସାଧାରଣ ସେବା ବ୍ୟବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ ଆଣିବ ବୋଲି ଆଶା ପ୍ରକଟ କରିଛନ୍ତି ।

- ମାନ୍ୟବର ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ, ମହାନିର୍ଦ୍ଦେଶକ, ଅଗ୍ନିଶମ ସେବା, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି'),

ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ୍ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସାରା ରାଜ୍ୟରେ କାର୍ଯ୍ୟରତ ଅଗ୍ନିଶମ ସେବା କର୍ମଚାରୀମାନେ ଏହି ଅନ୍‌ଲାଇନ୍ ସେବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୋତ୍ସାହନ ଯୋଗୁଁ ଇ-କମର୍ସରେ ଓଡ଼ିଶାର ହସ୍ତତନ୍ତ, ହସ୍ତଶିଳ୍ପ ଆଦି ବ୍ୟବସାୟ କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରିଛି । ବ୍ୟବସାୟ ପାଇଁ ଅନ୍‌ଲାଇନ୍ ସୁବିଧା ଯୋଗୁଁ ୫ ଲକ୍ଷରୁ ଊର୍ଦ୍ଧ୍ୱ ବୁଣାକାରଙ୍କ କର୍ମନିଯୋଜନ ସହ ବିଶ୍ୱ ବଜାରରେ ଓଡ଼ିଶାର ହସ୍ତକଳାର ଆଦର ବୃଦ୍ଧିପାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୦,୪୪,୭୮୩ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୦,୬୯୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୬,୫୦୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୮୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୨୪୩ ରହିଛି ।
- ୨,୨୪୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**